ଆମ ଭାଷା ଆମ ସାହିତ୍ୟ

ତୃତୀୟ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

କହିବା ଆଗରୁ କରିବା

ସାନୁ ବିଦ୍ୟାଳୟରୁ ଘରକୁ ଫେରିଲା । ମା' ତାକୁ ପଚାରିଲେ, "ତୁମ ବିଦ୍ୟାଳୟରେ ଆଜି କ'ଣ କ'ଣ ହେଲା ?"

ସାନୁ କହିଲା - "ଆଜି ପରା ଅକ୍ଟୋବର ଦୁଇ ତାରିଖ । ଆମ ବିଦ୍ୟାଳୟରେ ଗାନ୍ଧିଜୀଙ୍କର ଜନ୍ମଦିନ ପାଳନ କରାଗଲା । ଆମେ ଓ ଆମ ଗୁରୁଜୀମାନେ ବାପୁଙ୍କ ଫଟୋଚିତ୍ରରେ ଫୁଲ ଚଢ଼ାଇଲୁ ।"

"ଆଉ କିଛି ହେଲା ନାହିଁ ?" - ମା' ପଚାରିଲେ ।

ସାନୁ ଉତ୍ତର ଦେଲା - "ହଁ, ଗୁରୁଜୀ ଗାନ୍ଧିଜୀଙ୍କ ବିଷୟରେ ସୁନ୍ଦର ସୁନ୍ଦର କାହାଣୀ ଶୁଣାଇଲେ । ବହୁତ ମଜା ଲାଗିଲା ।"

ମା' - ଆଚ୍ଛା ! କ'ଣ ସବୁ କହିଲେ ?

ସାନୁ - ଗାନ୍ଧିଜୀଙ୍କର ପିଲାଦିନର କେତେକ ଚମତ୍କାର ଘଟଣା ।

ମା' - ଆଉ ତାଙ୍କ ବଡ଼ଦିନର କଥା କିଛି କହିଲେ ନାହିଁ ?

ସାନୁ - ହଁ, ଖୁବ୍ କମ୍ । ତମେ କିଛି କୁହନା ।

ମା' - କହୁଛି, ଶୁଣ ।

ମା' କାହାଣୀ ଆରମ୍ଭ କଲେ । ସାନୁ ଶୁଣିବାକୁ ଲାଗିଲା । ଥରେ ଗାନ୍ଧିଜୀଙ୍କ ପତ୍ନୀ କସ୍ତୁରବା ବେମାରରେ ପଡ଼ିଥିଲେ । ଔଷଧପତ୍ରରୁ କିଛିବି ସୁଫଳ ମିଳିଲା ନାହିଁ । ଗାନ୍ଧିଜୀ ଚିନ୍ତିତ ହୋଇ ପଡ଼ିଲେ । ସେ ପୁସ୍ତକରୁ ପଢ଼ିଥିଲେ ଯେ, ବେମାରରେ ପଡ଼ିଥିବା ଲୋକ ଲୁଣ ନ ଖାଇଲେ କିଛିଟା ଉପକାର ପାଏ । ତେଣୁ ସେ ଏହି ଉପଦେଶଟି କସ୍ତୁରବାଙ୍କୁ ଦେବା ପାଇଁ ମନସ୍ଥ କଲେ ।



ଗାନ୍ଧିଜୀ କସ୍ତୁରବାଙ୍କୁ କହିଲେ - "ତୁମେ ଖାଦ୍ୟରେ ଲୁଣ ମିଶାଇ ଖାଇବା ବନ୍ଦ କରିଦିଅ ।"

"ଧେତ୍, ଲୁଣ ବିନା ଖାଦ୍ୟ ତ ସୁସ୍ୱାଦୁ ଲାଗେ ନାହିଁ । ଲୁଣ ବିନା କ'ଣ ଖାଦ୍ୟ ଖାଇ ହୁଏ ?" କସ୍ତୁରବା ଅମଙ୍ଗ ହୋଇ କହିଲେ ।

"ତୁମେ ଅବୁଝା ହେଉଛ କାହିଁକି ? ତୁମର ପରା ଦେହ ଖରାପ । କିଛି ଦିନ ଲୁଣ ଛାଡ଼ିଦେଲେ ହୁଏତ ଆରୋଗ୍ୟ ହୋଇପାରନ୍ତ ।" ଗାନ୍ଧିଜୀ ଏପରି କହି କସ୍ତୁରବାଙ୍କୁ ବୁଝାଇଲେ ।

କସ୍ତୁରବା ଟିକେ ମୁହଁ ଶୁଖାଇ କହିଲେ, "ଯଦି ତୁମକୁ କିଏ ଲୁଣ ଛାଡ଼ିଦେବାକୁ କହେ, ତୁମେ କ'ଣ ଲୁଣ ଖାଇବା ବନ୍ଦ କରିପାରିବ ?"

ଗାନ୍ଧିଜୀ ଭାବିଲେ ଏ ତ ଠିକ୍ କଥା ! ପରକୁ କହିବା ଯେତିକି ସହଜ, ନିଜେ କରି ଦେଖାଇବା ସେତିକି ସହଜ ନୁହେଁ । ଏହି କଥାକୁ ନେଇ ସେ ଚିନ୍ତା କରିବାକୁ ଲାଗିଲେ । ଆମେ ଯାହା ଅନ୍ୟକୁ କହୁ, ପ୍ରଥମେ ନିଜେ କରି ଦେଖାଇବା ଉଚିତ୍ । ତେବେ ଯାଇ ଏହା ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇବ । ଏହି କଥାଟି ଗାନ୍ଧିଜୀ ମନେମନେ ବିଚାର କଲେ । କସ୍ତୁରବାଙ୍କୁ ଦେଇଥିବା ଉପଦେଶଟିକୁ ନିଜେ କାର୍ଯ୍ୟକାରୀ କରିବା ପାଇଁ ସଂକଳ୍ପ କଲେ ।

ଗାନ୍ଧିଜୀ କସ୍ତୁରବାଙ୍କୁ ଏଥର କହିଲେ, "ମୋତେ ଯଦି ରୋଗ ହୋଇଥା'ନ୍ତା, ଚିକିତ୍ସକ ଯେଉଁ ଜିନିଷ ଖାଇବାକୁ ବାରଣ କରିଥାନ୍ତେ, ମୁଁ ଅବଶ୍ୟ ତାହା ଖାଇବା ବନ୍ଦ କରିଥାନ୍ତି। ଏଥିରେ ସୁଫଳ ମିଳିଥା'ନ୍ତା। ମୁଁ ତୁମକୁ ଲୁଣ ଖାଇବାକୁ ମନା କରିଛି। ତେଣୁ ପ୍ରଥମେ ମୁଁ ଗୋଟିଏ ବର୍ଷ ପାଇଁ ଲୁଣ ଛାଡ଼ିଦେଉଛି।"



ସତକୁ ସତ ଗାନ୍ଧିଜୀ ସେହି ମୁହୂର୍ତ୍ତରୁ ବିନା ଲୁଣରେ ଖାଦ୍ୟ ଗ୍ରହଣ କରିବା ଆରମ୍ଭ କରିଦେଲେ। ତାଙ୍କର ଏହି ଆଚରଣ କସ୍ତୁରବାଙ୍କ ଉପରେ ଖୁବ୍ ପ୍ରଭାବ ପକାଇଲା। ତେଣୁ କସ୍ତୁରବା ମଧ୍ୟ ଏଣିକି ଲୁଣ ନ ମିଶାଇ ଖାଦ୍ୟ ଖାଇବାକୁ ଅଭ୍ୟାସ କଲେ। ସେ ଖୁବ୍ ଶୀଘ୍ର ସୁସ୍ଥ ହୋଇ ଉଠିଲେ।

ସାନୁକୁ କାହାଣୀ ଶୁଣାଇବା ପରେ ମା' କହିଲେ, ''ବୁଝିଲୁ ସାନୁ! ବାପୁ ଏମିତିକା ମଣିଷ ଥିଲେ ଯେ, ଯାହା କହୁଥିଲେ ତାହା ନିଜେ କରି ଦେଖାଉଥିଲେ। ସେଇଥିପାଇଁ ସ୍ୱାଧୀନତା ସଂଗ୍ରାମବେଳେ ଗାନ୍ଧିଜୀଙ୍କ ସହିତ ସମଗ୍ର ଦେଶର ଲୋକ ଏକଜୁଟ ହୋଇ ଚାଲୁଥିଲେ।"

ଆସ ଜାଣିବା କେତୋଟି ନୂଆ ଶବ୍ଦ

ଚମତ୍କାର	ସୁସ୍ୱାଦୁ	ପ୍ରଭାବ	ଏକଜୁଟ	ସ୍ୱାଧୀନତା	ଚିକିତ୍ସକ
ସୁଫଳ	ଅମଙ୍ଗ	କାର୍ଯ୍ୟକାରୀ	ସମଗ୍ର	ବେମାର	ମୁହୂର୍ତ୍ତ
ଉପକାର	ଆରୋଗ୍ୟ	ସଂକଳ୍ପ	ଫଳପ୍ରଦ	ଆଚରଣ	ଅବଶ୍ୟ
ମନସ୍ଥ	ସଂଗ୍ରାମ	ସୁସ୍ଥ			

ଶିକ୍ଷକଙ୍କ ପାଇଁ ସୂଚନା

- ଅନ୍ୟକୁ ଉପଦେଶ ଦେବା ପୂର୍ବରୁ ନିଜେ ତାହା କରି ଦେଖାଇବେ।
- ସଂକଳ୍ପ କରିବା ଓ ତାକୁ ପାଳନ କରିବା ଉଭୟ ଗୁରୁତ୍ୱପୂର୍ଣ୍ଣ - ଏହା ପିଲାଙ୍କୁ ବୁଝାଇବେ।
- ବିଭିନ୍ନ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ପିଲାଙ୍କୁ ଧାରଣା ଦେବେ।

୧. ଆସ ଗାନ୍ଧିଜୀଙ୍କ ସଂପର୍କରେ ଗଳ୍ପରୁ କିଛି କଥା ଖୋଜି କହିବା ।

(କ) କେବେ ଗାନ୍ଧିଜୀଙ୍କ ଜନ୍ମଦିନ ପାଳନ କରାଯାଏ ?

(ଖ) ସାନୁର ବିଦ୍ୟାଳୟରେ ଗାନ୍ଧିଜୀଙ୍କ ଜନ୍ମଦିନ କିପରି ପାଳନ କରାଯାଇଥିଲା ?

(ଗ) ବେମାରରେ ପଡ଼ିଥିବା କସ୍ତୁରବା କିଏ ?

(ଘ) ଗାନ୍ଧିଜୀ ପୁସ୍ତକରୁ କ'ଣ ପଢ଼ିଥିଲେ ?

(ଙ) ଗାନ୍ଧିଜୀ କସ୍ତୁରବାଙ୍କୁ କି ଉପଦେଶ ଦେଲେ ?

(ଚ) କସ୍ତୁରବା ଅମଙ୍ଗ ହେବାରୁ ଗାନ୍ଧିଜୀ କ'ଣ ଚିନ୍ତା କଲେ ?

୨. ଆସ ଉତ୍ତର ଲେଖିବା ।

(କ) ଗାନ୍ଧିଜୀଙ୍କ ଉପଦେଶଟି ପାଳନ କରିବା ପାଇଁ କସ୍ତୁରବା କାହିଁକି ଅମଙ୍ଗ ହେଲେ ?

(ଖ) ଗାନ୍ଧିଜୀଙ୍କୁ ବେମାର ହୋଇ ନ ଥିଲେ ମଧ୍ୟ ସେ କାହିଁକି ଲୁଣ ଛାଡ଼ିଲେ ?

୩. ଆଗ କିଏ, ପଛ କିଏ ଜାଣିବା । କ୍ରମ ଅନୁସାରେ ପଛକୁ ପଛ ସଜାଇବା ।

କସ୍ତୁରବା ବେମାର ପଡ଼ିବା	ସାନୁ ଓ ମାଆ କଥାବାର୍ତ୍ତା ହେବା	ସାନୁର ବିଦ୍ୟାଳୟରେ ଗାନ୍ଧିଜୟନ୍ତୀ ପାଳନ କରାଯିବା	କସ୍ତୁରବା ସୁସ୍ଥ ହେବା	ଗାନ୍ଧିଜୀ ଚିନ୍ତା କରିବା

୪. ଗାନ୍ଧିଜୀ ଅନ୍ୟ ଯେଉଁ ଯେଉଁ ନାମରେ ପରିଚିତ ସେଗୁଡ଼ିକୁ ତାଙ୍କ ଚିତ୍ର ସହ ଗାର ଟାଣି ଯୋଡ଼ିବା ।

ନେତାଜୀ

ଗୁରୁଜୀ

ବାପୁଜୀ

ମହାତ୍ମା

ସର୍ଦ୍ଦାରଜୀ

ସ୍ୱାମିଜୀ

ମୋହନ ଦାସ କରମଚାନ୍ଦ

ଜାତିର ପିତା

୫. ଆସ ଆମେ ବାକ୍ୟ ଗଢ଼ିବା ।

ସୁଫଳ - ______________________

ମନସ୍ଥ - ______________________

ସୁସ୍ୱାଦୁ - ______________________

ଫଳପ୍ରଦ - ______________________

ସଂକଳ୍ପ - ______________________

ମୁହୂର୍ତ୍ତ - ______________________

୬. ଯେପରି 'ଫଟୋରେ ଫୁଲ ଚଢ଼ାଇଲୁ' ବୋଲି କୁହାଯାଇଛି ସେହିପରି କ'ଣ ହେବ ଲେଖିବା ।

ଅନ୍ଧକୁ ବାଟ ________________

ଧରିବାକୁ ହାତ ________________

ଓଦାଲୁଗା ଆମେ ________________

୭. ନେତାଜୀ ଲୋକମାନଙ୍କୁ କହିଲେ, ''ଚାଲ, ହଇଜା ରୋଗୀଙ୍କର ସେବା କରିବା ।'' ତାଙ୍କର ଏହି କଥା କିଛି କାମକଲା ନାହିଁ । ତେଣୁ ନିଜର ଯୋଜନାକୁ ସେ ନିଜେ କରିବାକୁ ଚାହିଁଲେ । ନିଜର ଯୋଜନାଟି କାର୍ଯ୍ୟରେ ପରିଣତ କଲେ । ଏହା ଦେଖି ଅନ୍ୟମାନେ ତାଙ୍କ ପରି କରିବାକୁ ଲାଗିଲେ ।

ରେଖାଙ୍କିତ ଶବ୍ଦଗୁଡ଼ିକ ବଦଳରେ ସ୍ୱୟଂ, ପ୍ରଭାବ ପକାଇଲା ନାହିଁ, କାର୍ଯ୍ୟକାରୀ ଏହି ଶବ୍ଦଗୁଡ଼ିକୁ ଠିକ ସ୍ଥାନରେ ବ୍ୟବହାର କରି ଅନୁଚ୍ଛେଦଟିକୁ ଲେଖିବା ।

୮. ଯେପରି, ଚିନ୍ତା - ଚିନ୍ତିତ

ସେହିପରି କ'ଣ ହେବ ଲେଖିବା । ଦୁଃଖ - ________________

ପୀଡ଼ା - ________________

ପାଠ - ________________

୯. ତୁମ ବିଦ୍ୟାଳୟର ଚାରିପାଖ ଅପରିଷ୍କାର ହୋଇଛି । ପରିଷ୍କାର କରିବା ପାଇଁ କ'ଣ କରିବା ?

____

____

____

୧୦. ଗାନ୍ଧିଜୀଙ୍କ ଜୀବନରେ ଘଟିଥିବା ଅନ୍ୟ କିଛି ଘଟଣା ଲେଖ।

____

____

୧୧. ଗାନ୍ଧିଜୀଙ୍କ ପରି ଅନ୍ୟ ଯେଉଁ ବଡ଼ ମଣିଷମାନେ ନିଜ କାମଦ୍ୱାରା ଲୋକଙ୍କୁ ଏକଜୁଟ କରିପାରୁଥିଲେ ସେମାନଙ୍କ ନାମ ଲେଖ ।

୧. ________________ ୫. ________________

୨. ________________ ୬. ________________

୩. ________________ ୭. ________________

୪. ________________ ୮. ________________

୧୩. ଚିତ୍ର ଦେଖି ଗାନ୍ଧିଜୀଙ୍କ ଅନ୍ୟ ଭଲକାମ ଗୁଡ଼ିକୁ ଲେଖ ।